ନକ୍ଷତ୍ରନିର୍ଣ୍ଣୟ ।

ଶ

ଅର୍ଥାତ୍

ଶ୍ରବଣାଦି ଉତ୍ତରାଷାଢ଼ା ପର୍ଯ୍ୟନ୍ତ ସପ୍ତବିଂଶତି
ନକ୍ଷତ୍ର ମାନଙ୍କର ଆକାର ଯେମାନେ ଆକାଶ
ମଧ୍ୟସ୍ଥହେଲେ ତଦ୍ଵାରା ଲଗ୍ନ ନିରୂପଣ କରିବା
ନିୟମ ।

ସିଦ୍ଧାନ୍ତ ଶ୍ରୀ ନୀଳମଣି ପାଣିଗ୍ରାହୀଙ୍କ ଦ୍ଵାରା
ଗଣିତ
ଏବଂ ପଦ୍ୟ ପ୍ରବନ୍ଧରେ ରଚିତ ହୋଇ
ଶ୍ରୀଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ
ମହାରାଜାଙ୍କ ଦ୍ଵାରା ପ୍ରଥମବାର ପ୍ରକାଶିତହେଲା

Printed at the Gajapaty Press
PARLAKIMEDI.
1914

ଉତ୍ସର୍ଗପତ୍ର ।

ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ପାରଳା ପୁରାଧୀଶ୍ୱର
ଶ୍ରୀଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ
ମହାରାଜାଙ୍କ ଶ୍ରୀକର କମଳେଷୁ ।

ଶ୍ରୀମନ୍ ମହାରାଜାଧିରାଜ !

ପୂର୍ବେ "ପାରଳାନଗର" ପ୍ରଧାନ ଜ୍ୟୋତିର୍ବିଦ୍ୱାରେ ପ୍ରବୀଣଥିଲା । ବର୍ତ୍ତମାନ ତାଦୃଶ ନହେଲେମଧ୍ୟ, ଅନେକ ଜ୍ୟୋତିର୍ବିଦ ଅଧ୍ୟଯାଉ ପଣ୍ଡିତମାନେ ଅଛନ୍ତି; ଯେମାନେ ଲଗ୍ନାଦି ନିର୍ଣ୍ଣୟ କରନ୍ତି କାଳରେ ଦିବା ଭାଗରେ ନରଛାୟାଦ୍ୱାରା ଏବଂ ରାତ୍ରିରେ ଆକାଶ ମଧ୍ୟସ୍ଥ ନକ୍ଷତ୍ର ଦ୍ୱାରା ଲଗ୍ନ ସ୍ଥିର କରୁଥାନ୍ତି । ବହୁ ବର୍ଷ ପୂର୍ବେ (୧୪୦୦) ମହାକବି କାଳିଦାସ ଉଜ୍ଜୟିନୀ ନଗରରେ ନରଛାୟା କ୍ରମ ଅବଲମ୍ବନରେ ଓ ମଧ୍ୟ ନକ୍ଷତ୍ର ମାନଙ୍କ ଦ୍ୱାରା ଲଗ୍ନ ଭୋଗ ଜାଣିବାପାଇଁ "ଛାଇପାଦ୍ମ" ନାମକ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ; ତାହା ବର୍ତ୍ତମାନ ଶିଥିଳହୋଇ

ବହୁଦୂର ଅନ୍ତର ପଡ଼ିଅଛି । ସେହି କଟପାଦ୍ୟବଲମ୍ବନ କରି ଲଗାଡ଼ି ସ୍ଥିର କରିବାହେତୁ ଲଗ୍ନମାନ ଠିକ୍ ନ ରହି ଫଳ ମଧ୍ୟ ଶଶଶୃଙ୍ଗବତ୍ ପ୍ରତ୍ୟକ୍ଷ ହୋଇଅଛି । ଏହେତୁ ମୁଁ ବହୁ ଶ୍ରମ ସ୍ୱୀକାରପୂର୍ବକ ପାରଳାନଗରର ଅକ୍ଷାଂଶକୁ ଧରି ବର୍ତ୍ତମାନ ଲଗ୍ନମାନ ଯେପରି ଠିକ୍ ହେବ ସେହିପରି ଗଣିତ କରିଅଛି; ଏବଂ ଆକାଶ ମଧ୍ୟ ନକ୍ଷତ୍ରମାନଙ୍କର ଆକାର ଓ ଲଗ୍ନ ଶ୍ଳୋକ ମାନ ଏଥିରେ ସଂଯୋଜିତ କରି "ନକ୍ଷତ୍ରକଳ୍ପିକ" ଆଖ୍ୟା ପ୍ରଦାନପୂର୍ବକ ଶ୍ରୀଗୁରୁଙ୍କ ଋଣ ଛୁଟଣ ଚେଷ୍ଟାରେ ମ ଅବଶ ହୋଇ ଏହି ପୁସ୍ତିକା ଖଣ୍ଡିକ ଭକ୍ତିର ସହିତ ଶ୍ରୀ ଗୁରୁଙ୍କ ଚରଣକମଳରେ ଅର୍ପଣ କଲି । ଯାହାରେ ଗ୍ରାହକଙ୍କ ଅଙ୍ଗୀକାର ହେଲେ ଶ୍ରମ ସାର୍ଥକ ହେବ । ଇତି ।

୧—୭—୧୯୧୪	ଶ୍ରୀଗୁରୁଙ୍କର
ପାରଳାଖେମୁଣ୍ଡି	ଶିଷ୍ୟ ଶ୍ରୀନୀଳମଣି ପାଣିଗ୍ରାହୀ

✵ ନକ୍ଷତ୍ରନିର୍ଣ୍ଣୟ ✵

ରାଗ । ବଙ୍ଗଳାଶ୍ରୀ ।

ବାରଣ ଆରଣ ଚରଣେ ବନ୍ଦିଣ
କରେ ଲଗ୍ନାଦି ବର୍ଣ୍ଣନ ।
ଋକ୍ଷ (୧) ମାନଙ୍କର କହିବୁ ଆକାର
ନିରେଖି ମଧ୍ୟ ଗଗନ । ୧ ।
ପାଟଳା ନଗର ପଳପ୍ରମାଣ(୨)ଙ୍ଗୁଳ
ନବମ ୪ ବୃତ୍ତବ୍ୟଙ୍ଗୁଳ(୩) ।
ଅକ୍ଷକର୍ଣ୍ଣ(୪)ବାର ଅଙ୍ଗୁଳମାତର
ଦ୍ୱାଦଶ ଅଟେ ବ୍ୟଙ୍ଗୁଳ । ୨ ।

---

(୧) ନକ୍ଷତ୍ର
(୨) ଦେଶର ଛାୟା
(୩) ଅଙ୍ଗୁଳିର ଷଷ୍ଠ୍ୟାଂଶ
(୪) ଶଙ୍କୁ ଏବଂ ଛାୟାର ସଂଯୁକ୍ତ ରେଖା

ଅକ୍ଷାଂଶ(୧)ଅଠର   ଲବ(୨)ବଳା ମାତ୍ର
ତେତ୍ରିଶ ଅଟେ ଜାଣ ।
ପାର୍ଶ୍ୱ ଛତ୍ୟୋବଂଶ   କ୍ରାନ୍ତି(୩)ପରମାଂଶ
ଏହା କହେ ଚର ପ୍ରାଣ । ୩ ।
ଋତୁ ବହ୍ନିପକ୍ଷ ୨୩୬   ଶଶିନନ୍ଦଏକ ୧୯୧
ନବଭୁଜଗ ୭୯ କ୍ରମେଣ
ଏକ ଦୁଇ ତିନି   ଚରପ୍ରାଣ(୪)ହୋଇ
ସାଧିବ ସ୍ୱଦେଶ ଲଗ୍ନ । ୪ ।
ଶୂନ୍ୟପକ୍ଷ ୨୩ ଭୁଜ   ଅୟନର(୫) ଯୋଗ
ହେଲେ ସ୍ଫୁଟ ଲଗ୍ନମାନ ।
ଶୂନ୍ୟଦନ୍ତ ମେଷ   ଲିପ୍ତା ଏକବଂଶ
ଅଧିକେ ଅଠର ଜାଣ । ୫ ।

---

(୧) ବିଷୁବରେଖାରୁ ପ୍ରଦେଶକୁ ଥିବା ଅନ୍ତର
(୨) ଅଂଶ
(୩) ସୂର୍ଯ୍ୟ ଗମନ ମାର୍ଗ
(୪) ଦିନାର୍ଦ୍ଧ ଦ ୧୫ ଣ୍ଡ ଠାରୁ ଯାହା ନ୍ୟୂନାଧିକ
ଲିଖା ହୁଏ ତାହାର ଷଷ୍ଠ୍ୟାଂଶ
(୫) ଅୟନାଂଶ

ବୃଷଲଗ୍ନମାନ ଏକ ଲିପ୍ତ ନ୍ୟୁନ
ପାଞ୍ଚ ଘଟିକାରେ ପୂର୍ଣ୍ଣ ।
ଯାଞ୍ଚ ଦଣ୍ଡ ଊଣ ତ୍ରିଂଶ ଲିପ୍ତ ଯୋଗ
ମିଥୁନଲଗ୍ନ ପ୍ରମାଣ । ୬ ।
କର୍କ ପଞ୍ଚଘଟି ଷଡ଼ିଶଲିପ୍ତ
ସିଂହ ପାଂଚ ଯେ ବାଇଶି ।
କନ୍ୟା ପାଂଚ ଘଟି ଅଠର ଲିପ୍ତି
ତୁଳାପଞ୍ଚ ଅଠାଇଶି । ୭ ।
ବୃଶ୍ଚିକପ୍ରମାଣ ପାଞ୍ଚଦଣ୍ଡପୁଣ
ଲିପ୍ତାଅଟେ ଚଉତ୍ରିଂଶ ।
ଧନୁ ପାଞ୍ଚଘଟି ଚଉଦ ଲିପ୍ତି
ମୃଗ*ଶିରର ଷଡ୍‌ତ୍ରିଂଶ । ୮ ।
କୁମ୍ଭ ଚାରିଘଟି ଛଲିପ୍ତ ହୁଏଟି
ମୀନ ଅଟେ ଚାରି ଦଣ୍ଡ ।
ଯେଉଁ ମାନେ ଯେତି ଲଗ୍ନରେ କେବଳ
ଉଦୟ ହୁଏ ମାର୍ତ୍ତଣ୍ଡ । ୯ ।
ଶ୍ରବଣା ନକ୍ଷତ୍ର ଶରଷ୍ଠାଏ ମାତ୍ର
ତିନିଗୋଟି ତାରା ଯେତି ।

---

*ମକର

ହେଲେ ମଥାପରେ　　　　ମେଷ ଲଗ୍ନରେ
　　ଲିପ୍ତିକା ଯେ ବସୁଣେ ଇ । ୧୦ ।
ମର୍ଦ୍ଦଳର ଲକ୍ଷ୍ୟ　　　　ଯେଉଁ ପାଞ୍ଚ ଋକ୍ଷ
　　ଦିଶେ ଧନିଷ୍ଠା ନକ୍ଷତ୍ର ।
ହୁଇଣ ଅଠର　　　　ଲିପ୍ତିକା ମେଷର
　　ପୂର୍ଣ୍ଣ ହେଲେ ଶିରୋଗତ । ୧୧ ।
ମୃକ୍ତାହାର ପରା　　　　ଦିଶେ ଛଅ ତାରା
　　ଶତଭିଷା ଋକ୍ଷ ଯେହି ।
ବୃଷଭ ଲଗ୍ନରୁ　　　　ଚୂଡଦଣ୍ଡ ଚଉ—
　　ତ୍ରିଂଶଲିପ୍ତା ଭୋଗ ହୋଇ । ୧୨ ।
ଚନ୍ଦ୍ରାତପ ଲକ୍ଷ୍ୟ　　　　ଯେଉଁ ଗୃହରୁକ୍ଷ
　　ଅଁକାଶ ମଧ୍ୟେ ଦିଶଇ ।
ଅଗ ହୁଇ ପୂର୍ବ　　　　ଆର୍ଦ୍ରା ମିଥୁନରୁ
　　ଷୋଳଲିପ୍ତା ଭୋଗ ହୋଇ । ୧୩ ।
ଘଣ୍ଟର ହୁଇଟି　　　　ଉତ୍ତରା ଭାଦ୍ରାନ୍ତ
　　ହେଲେ ମଧ୍ୟ ଅବକାଶରେ ।
ହୁଇଦଣ୍ଡ ଯଷ୍ଠି —　　　　ସୁଜଶ ଲିପ୍ତିକା
　　ମିଥୁନଲଗ୍ନରୁ ପରେ । ୧୪ ।
ବଷ୍ଟିଷ ତାରକା　　　　କନ୍ଦର୍ପ ପତାକା-
　　ପରି ଦିଶେ ମତ୍ସ୍ୟାକୃତି ।

ରେବତୀ ତା ନାମ — କରକଟ ଲଗ୍ନ
ଶଣୀକୃତ ୪୯ ଲିପ୍ତ ଭୁକ୍ତ । ୧୫ ।

ଅଶ୍ୱିମୁଖପରା — ଦିଶେ ତିନ ତାରା
ଅଶ୍ୱିନୀ ଅଟେ ତା ନାମ ।

ଅଷ୍ଟତ୍ରିଂଶାଧିକ — ଷଠଲିପ୍ତ ଠିକ
ଶ୍ରାପଇ କର୍କଟ ଲଗ୍ନ । ୧୬ ।

ମରଣରପରା — ଯେଉଁ ତିନ ତାରା
ଦିଶଇ ତ୍ରିକୋଣାକୃତି ।

ଦ୍ୱିତୀ ନାମ ତାର — କର୍କଟ ଲଗ୍ନର
ଶଣିଛିନ ୨୪୯ ଲିପ୍ତଭୁକ୍ତ । ୧୭ ।

ମଦନ ଦାହକ — କୃତ୍ତିଶିଖାଲକ୍ଷ୍ୟ
ଦିଶେ ଷଷ୍ଟ ତାରା କାନ୍ତ ।

କୃତ୍ତିକା ସେହିଟି — ଲିପ୍ତ ଏକଷଠି
ସିଂହ ଲଗ୍ନ ହୁଏ ଭୁକ୍ତ । ୧୮ ।

ଶକଟର ଲକ୍ଷ୍ୟ — ଯେଉଁ ପାଞ୍ଚ ଋକ୍ଷ
ମଧ୍ୟମାକାଶେ ଦିଶଇ ।

ରୋହିଣୀ ତା ନାମ — ଏକ ଲିପ୍ତ ନ୍ୟୂନ
ତ୍ରିଦଣ୍ଡ ସିଂହ ଯାପଇ । ୧୯ ।

ଋକ୍ଷ ମୃଗଶିରା — ତିନଗୋଟି ତାରା
ମାର୍ଜାର ପାଦ ପରରେ ।

ଆକାଶ ମଧ୍ୟରେ — ଗମିଲେ ଲଗ୍ନରେ
କନ୍ୟା ଏକ ଲିପ୍ତ ପରେ । ୨୦ ।

ଚତୁର୍ଥ ଆକାର ଅରଦ୍ରା ନକ୍ଷତ୍ର
ଡଗୋଟିଏ ତାରା ଅଟଇ ।
ହୋଇଲେ ଗଗନ ମଧ୍ୟେ ଜନ୍ୟ ଲଗ୍ନ
ପଞ୍ଚାବନ ଲିପ୍ତ ହୋଇ । ୧୧ ।
ତୃଣ ଚଢ଼ାଇବା ଧନୁପରି ଶୋଭ
ଯେଉଁ ପାଞ୍ଚ ତାରା ଦିଶେ ।
ସେହି ପୁନର୍ବସୁ ନବ ମଧ୍ୟେ ଅସ୍ତ
ଭୁଞ୍ଜ ପାଞ୍ଚଲିପ୍ତ ଯାଏ । ୧୨ ।
ଷଷ୍ଠ ଆକାର ଯେତିକ ନକ୍ଷତ୍ର
ପୁଷ୍ୟା ନାମ ବୋଲାଇଲା ।
ଦୁଇ ଦଣ୍ଡ ଯଷ୍ଟ ବଂଶଲିପ୍ତା ଭୁକ୍ତ
ଅଟଇଁ ଯେ ଲଗ୍ନ ଭୁଜା । ୧୩ ।
ଶ୍ୱାନପୁଚ୍ଛ ଲକ୍ଷ୍ୟ ଯେଉଁ ପାଞ୍ଚ ରୁକ୍ଷ
ଅଶ୍ଳେଷା ନାମ ତାହାର ।
ଷଏ ଛୟଅଣୀ ଲିପ୍ତା ଭୁଞ୍ଜି ଯାଧି
ହେଲେ ମଧ୍ୟମ *ଜନଭର । ୧୪ ।
ଲାଙ୍ଗଳର ଲକ୍ଷ୍ୟ ଯେଉଁ ପାଂଚ ରୁକ୍ଷ
ମଘା ନାମଟି ତାହାର ।

---

*ଅକାଶ

ଏମଧ୍ୟେ ପ୍ରବେଶ   କଲେ ଶାନ୍ତିଂଗ୍ନ·
ଲିପ୍ତ ଖେଗ ବୃଶ୍ଚିକର ।.୧୫ ।
ଥୋଇଲା ପଲଙ୍କ   ପଟ ଶୃଙ୍ଗ ଖୁଣ
ବ୍ୟୋମମଣ୍ଡଳେ ଯା ଦିଶେ ।
ଅଗ ଦୁଇପଦ୍ମ   ଫାଲ୍‌ଗୁନୀ ଦୁଇଣ
ଦୁଇଲିପ୍ତ ଅନ୍ତଃସ୍ଥାପେ ।। ୧୬ ।
ପଚ୍ଛେ ଥିବା ତେଜ   ଉତ୍ତରାଫାଲ୍‌ଗୁନୀ
ନାମଯେ ଅଟେ ତାହାର ।
ଦୁଇଶତ ନଭ   ଲିପ୍ତ ଖେଗ ଉରେ
ସେହି ବୃଶ୍ଚିକ ଲଗ୍ନର । ୧୭ ।
ଉରେ ସ୍ଥାପିତା   ପଟ ଦିଶେ ଶୋଷ
ପାହ୍ନତାରା ଅଟେ ସେହି ।
ତାର ନାମ ହସ୍ତା   ଦଣ୍ଡ ନବଲିପ୍ତ
ଧନୁଲଗ୍ନରୁ ସ୍ଥାପର । ୧୮ ।
ଆକାଶ ମଧ୍ୟରେ   ମୂଳତା କାନ୍ତରେ
ଦିଶେ ଯେ ଏକ ନକ୍ଷତ୍ର ।
ଚିତ୍ରାନାମ ତାର   ତ୍ରିଦଣ୍ଡ ଅଠର
ଲିପ୍ତ ଖେଗଯେ ଧନୁର । ୧୯ ।

---

*ବୃଶ୍ଚିକ

ଦ୍ୱିଶତ-ମାଣିକ୍ୟ ଗଣ ଯେଉଁ ଏକ
ରତ୍ନ ତାହା ନାମ ସ୍ମୃତି ।
ଯାମଧ୍ୟେ ପ୍ରବେଶି ଲିପ୍ତ ଏକୋନତ୍ରିଂଶ,
ମକରୁ କରଇ ଭୁକ୍ତ । ୩୦ ।
ତୋରଣ ଆକାର ଯେ ପଞ୍ଚ ନକ୍ଷତ୍ର
ଧନିଷ୍ଠା ନାମ ତାହାର ।
ଯାଏ ଅଣଷଠି ଲିପ୍ତିକା ହେବାଇଁ
ଭଜଇ କୁମ୍ଭ ମକର । ୩୧ ।
ଶତ ତାରାର ଲକ୍ଷ୍ୟ ଯେଉଁ ଗୋଟି ଋକ୍ଷ
ଶତଭିଷା ତାର ନାମ ।
ଚତୁର୍ଦଣ୍ଡ ପଂଚ ତ୍ରିଂଶ ଲିପ୍ତ ଯୋଗ
ଭଜଇ ମକର ଲଗ୍ନ । ୩୨ ।
ଅଳି ଦଣ୍ଡ ଲକ୍ଷ୍ୟ ଯେଉଁ ତିନ ଋକ୍ଷ
ଜ୍ୟେଷ୍ଠା ଅଠନି ଯୋଡ଼ି ।
ଦେବଲ ମଠାଗ୍ର [illegible] ଲିପ୍ତ ଘେର
କୁମ୍ଭ ଲଗ୍ନକୁ ମଜଇ । ୩୩ ।
ଉର୍ଦ୍ଧ୍ୱ ମୁଖ ଶଯ୍ୟା ପର ନବଋକ୍ଷ
ପୋଷ୍ଟିମୂଳା ନକ୍ଷତ୍ର ।

ପାଂଚଲିଖ ନୃପ   ଶୁଦ୍ରଦଣ୍ଡ ଧ୍ୱଜ
ଲଗ୍ନ ସ୍ୱର୍ଗ ଯେ ଛୁଇଁବ । ୩୪ ।
ମୂର୍ତ୍ତିର ଅକାର   ଯେ ଲୁବ୍ଧ ନୟନ
ସୁବାଞ୍ଛା ଭାଗ ନାମ ।
ପଦ୍ମର ଶ୍ରୀଚଣ୍ଡ   ଲିଙ୍ଗ ମାନ ସେଶ
ଦେଖିଲେ ଚୌଧାମ ଃ ମଙ୍ଗମ । ୩୫ ।
ସେ ମୂର୍ତ୍ତି ଆକାର   ଗୁଚ୍ଛୋଟ ନୟନ
ଶ୍ରୀଚକ୍ରବାଙ୍ଗା ଅଛନ୍ତି ।
ଦେଖିଲେ ସେ ମଧ୍ୟ   ଶାଏ ଅଠାବନ
ଲିଙ୍ଗ ମାନରୁ ଦେଖାଇ । ୩୬ ।
ନୟନ ଆକାର   ଦେଖିଲେ ମଧ୍ୟପର
ଲଗ୍ନାଦି ଦ୍ୱେଷ ବୈର ।
କହେ ଜାନମଣି   କୃଷ୍ଣପାଦ ବେନି
ଧ୍ୟାନ କରି କରଜୋଡ଼ି । ୩୭ ।

ଶ୍ରୀକୃଷ୍ଣାର୍ପଣ ମସ୍ତୁ ।

ସମାପ୍ତ ।

ଶ୍ରୀ ଅକାଶ